Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ – ୧୫**

ନ.- ୬୭୩(ଓଡିଆ ବୁଲେଟିନ)
ତାରିଖ-୧୩.୦୪.୨୦୨୩

**(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

## ବିଶେଷ ସୂଚନା

- ଦିନ ବେଳା ତାପମାତ୍ରା ଅଧିକ ରହୁଥିବାରୁ ଫସଲ କୁ ରକ୍ଷା କରିବା ପାଇଁ ଆଖୁ, ଖରାଟିଆ ମକା, ଡାଲି ଜାତୀୟ ଶସ୍ୟ ଓ ପନିପରିବା ରେ ନିୟମିତ ଜଳସେଚନ କରନ୍ତୁ ।
- ପନିପରିବା ଫସଲରେ ଜଳ ସଂରକ୍ଷଣ କରିବା ପାଇଁ ନଡା, ଶୁଖିଲା ପତ୍ର ବା କରତ ଗୁଣ୍ଡ ଦ୍ୱାରା ଛାଡିକରଣ କରନ୍ତୁ ।
- ଅସ୍ଥାୟୀ ଛପର ଦ୍ୱାରା ପନିପରିବା ଚାରା କୁ ଉଚ ତାପମାତ୍ରା ରୁ ରକ୍ଷା କରନ୍ତୁ ।
- ଦିନ ବେଳା ତାପମାତ୍ରା ଅଧିକ ରହୁଥିବାରୁ ବିଲାତି ଓ ବାଇଗଣ ଫସଲରେ ଝାଉଂଲା ରୋଗର ସମ୍ଭାବନା ଥିବାରୁ ୧ ଗ୍ରା **Streptocycline** କୁ ୧୦ ଲିଟର ପାଣିରେ ମିଶାଇ ଗଛର ଚେରରେ ସିଂଚନ କରନ୍ତୁ ।
- ଜମିର ଆଦ୍ରତା କୁ ବିନିଯୋଗ କରି ଜମିରେ ହଳ ବୁଲାଇବା କାମ ଆରମ୍ଭ କରନ୍ତୁ ।
- ମୁଗ, ବିରି, ଚିନାବାଦାମ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ନିଅନ୍ତୁ ।
- ଅମଳ ହୋଇଥିବା ମୁଗ ଓ ବିରି କୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗା କୁ ଭଲ ଭାବରେ ସଫା କରନ୍ତୁ ।
- ଖରାଟିଆ ସୁର୍ଯ୍ୟମୁଖୀ ଫସଲରେ ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରା borax ମିଶାଇ ସିଂଚନ କରନ୍ତୁ ।
- ମାଟିର ଆର୍ଦ୍ରତା କୁ ବିନିଯୋଗ କରି ଖରାଟିଆ କାକୁଡି, ଜହ୍ନି, କଲରା, ଲାଉ ଆଦି ପନିପରିବା ବୁଣାବୁଣି ଆରମ୍ଭ କରନ୍ତୁ ।

**ଧାନ(ଡାଲୁଅ):**

ବର୍ତ୍ତମାନ ର ପାଣିପାଗ ଧାନ ଫସଲରେ ମହିଷା ରୋଗର ସମ୍ଭାବନା କୁ ବୃଦ୍ଧିକରିପାରେ । ଏହାର ନିରାକରଣ ପାଇଁ **Hexaconazole 5 % SC** କୁ ଏକର ପ୍ରତି ୪୦୦ ମି.ଲି. କିମ୍ବା **Azoxystrobin 18.2% + Difenoconazole 11.4 % S.C** କୁ ଏକର ପ୍ରତି ୨୦୦ ମି.ଲି. କିମ୍ବା **Tebuconazole 50% + Trifloxystrobin 25 % WG** କୁ ଏକର ପ୍ରତି ୮୦ ଗ୍ରା ହିସାବରେ ପ୍ରୟୋଗ କରନ୍ତୁ।
ଧାନ ଫସଲରେ ଅଷ୍ଟପଦୀ ପୋକର ନିରାକରଣ ପାଇଁ **Diafenthiuran** କୁ ଏକର ପ୍ରତି ୪୦୦ ଗ୍ରା କିମ୍ବା **Abamectin** କୁ ଏକର ପ୍ରତି ୨୦୦ ମି.ଲି. କିମ୍ବା **Fenpyroximate** କୁ ଏକର ପ୍ରତି ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**

**ଆଖୁ ବିହନ ଲଗାଇ ସାରିବା ପରେ ୨୫-୩୦ ଦିନ ପର୍ଯ୍ୟନ୍ତ ନିୟମିତ ଭାବରେ ହାଲୁକା ଜଳ ସେଚନ କରନ୍ତୁ । ଏହା କରିବା ଦ୍ୱାରା ବିହନ ଠିକ ଭାବ ରେ ଗଜା ହୋଇ ଭଲ ବଢିଥାଏ ଏବଂ ଗଛ ସଂଖ୍ୟା ଠିକ ରହିଥାଏ । ଖରା ଦିନେ ମାଟିର ବତର ହିସାବ ରେ ୭-୧୦ ଦିନ ଅନ୍ତର ରେ ଜଳ ସେଚନ କରନ୍ତୁ । ବିହନ ଲଗାଇବାର ୪୫-୭୫ ଦିନ ହେଉଛି ଜଳ ସେଚନ ପାଇଁ ସଙ୍କଟ କାଳୀନ ସମୟ ତେଣୁ ମୌସୁମୀ ବର୍ଷା ଆରମ୍ଭ ହେବା ପର୍ଯ୍ୟନ୍ତ ନିୟମିତ ଭାବେ ଜଳ ସେଚନ କରନ୍ତୁ ।**

**ବାଇଗଣ:**

**ବାଇଗଣ ର ଛୋଟ ପତ୍ର ରୋଗ ମାଇକୋପ୍ଲାଜମା ନାମକ ଏକ ଅଣୁଜୀବ ଜନିତ ରୋଗ। ପତ୍ରଡିଆଁ ପୋକ ଏହି ରୋଗର ବାହକ ଅଟେ । ବାଇଗଣ ର ଛୋଟପତ୍ର ରୋଗ ପରିଚାଳନା ପାଇଁ ପ୍ରଥମେ ଜମି ରୁ ରୋଗାକ୍ରାନ୍ତ ଗଛ ଗୁଡକୁ ଓପାଡି ଦୂରରେ ପୋତିଦିଅନ୍ତୁ। ଏହି ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୬୦ ଗ୍ରାମ Flonicamid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।**

**ଲଙ୍କାମରିଚ:**

**ଲଙ୍କାମରିଚ ଫସଲ ରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି।**

ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପଣି ରେ ମିଶାଇ ସିଂଚନ କରନ୍ତୁ। ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenopyroximate ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

## ପଶୁ ସମ୍ପଦ

### ପ୍ରାଣୀ ମାନଙ୍କ ଗୃହ ପରିଚାଳନା

ଅଧିକ ଗରମ କାରଣ ରୁ ପ୍ରାଣୀ ମାନଙ୍କ ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅବସ୍ଥା ରେ ସୁଧାର ନ ଆସିଲେ ପ୍ରାଣୀ ମାନେ ମୃତ୍ୟୁ ବରଣ ମଧ କରିପାରନ୍ତି । ଦିନବେଳା ଖରା ଅଧିକା ହେଲେ ପ୍ରାଣୀ ମାନଙ୍କୁ ଗୁହାଳ ରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ। ଗୁହାଳ ର ଛପର ଟିଣ ବା ଆଯବେଶଟୋସ ର ହୋଇଥିଲେ ତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ଜୋର ରେ ଖରା ହେଉଥିଲେ ଗୁହାଳର ଖୋଲା ଥିବା ଜାଗା ଗୁଡିକ ରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପନ ଦିଅନ୍ତୁ । ଅଧିକ ଉତ୍ପାଦନ କ୍ଷମ ପ୍ରାଣୀ ରଖିଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମାଇ ପାରୁଥିବା ଉପକରଣ ଲଗାଇବା ର ବ୍ୟବସ୍ଥା କରାଯିବା ଦରକାର। ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡ ରେ ବରଫ ଘସନ୍ତୁ, ଓଦା କପଡା ବା ଅଖା ରଖନ୍ତୁ ।

### କୁକୁଡା ଓ ବତକ ମାନଙ୍କ ଗୃହ ପରିଚାଳନା

ଖରା ଦାଉରୁ କୁକୁଡା ଓ ବତକ ମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁ ବରଣ କରିଥାନ୍ତି । ଖରା ଦାଉ ରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେ ଯେପରି ଘର ଭିତର କୁ ସିଧା ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ,ଘର ର ଛପର ଉଚ୍ଚା ଓ ପାର୍ଶ୍ୱ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡାନ୍ତୁ ଓ ଦିନ ବେଳା ପାଣି ଛିଞ୍ଚନ୍ତୁ। କୁକୁଡା ଓ ବତକ ମାନଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶି ଓଦା ନ ହୁଏ। ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗି ଦେଲେ ଘର ଥଣ୍ଡା ରହିଥାଏ। ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି
ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ